ଆପଣଙ୍କ ସୁରକ୍ଷା ଆମର ଦାୟିତ୍ୱ

ଓଡ଼ିଶା ପୋଲିସ ଆପଣଙ୍କ ସେବାରେ

# ସାଇବର ଅପରାଧ ନିରାକରଣ
# ସୂଚନା ଓ ପରାମର୍ଶ




ଓଡ଼ିଶା ପୋଲିସ୍

ସି.ଆଇ.ଡି., କ୍ରାଇମ୍ ବ୍ରାଞ୍ଚ, କଟକ

ଜାନୁୟାରୀ, ୨୦୧୮

# ମୁଖବନ୍ଧ



ସଂପ୍ରତି ଓଡ଼ିଶାରେ ଅପରାଧ ନିୟନ୍ତ୍ରଣ ଏବଂ ଅପରାଧୀମାନଙ୍କୁ କାବୁ କରିବା ଏକ ଆହ୍ୱାନ ଭାବେ ପ୍ରତୀୟମାନ ହୋଇଛି । ସମାଜରେ ଯେତେବେଳେ ଅପରାଧ ପ୍ରବଣତା ଆଶାତୀତ ଭାବରେ ବଢ଼ିଚାଲିଛି, ସେତେବେଳେ ଅପରାଧୀ ଧରପଗଡ଼ ଅଭିଯାନକୁ ଜୋରଦାର କରିବା ସହ ଅପରାଧବିରୋଧୀ ସଚେତନତା ଓ ମାନସିକତା ସୃଷ୍ଟି କରିବାର ଆବଶ୍ୟକତା ବହୁତ ଗୁରୁତ୍ୱପୂର୍ଣ୍ଣ। ଅପରାଧୀ ବା ଅଭିଯୁକ୍ତମାନଙ୍କୁ ଆଇନର ପରିଧି ଭିତରେ ଧରି ନ୍ୟାୟାଳୟରେ ପହଞ୍ଚାଇବା ଯେତିକି ଗୁରୁତ୍ୱପୂର୍ଣ୍ଣ, ସେହି ତୁଳନାରେ ମାନସିକତା ବଦଳାଇବା ସହିତ ସେମାନଙ୍କ ମାନସପଟରୁ ଅପରାଧ ପ୍ରବଣତା ଦୂର କରିବା କିଛି କମ୍ ଗୁରୁତ୍ୱପୂର୍ଣ୍ଣ ନୁହେଁ। ଜଣେ ବ୍ୟକ୍ତି କାହିଁକି କେଉଁ ପରିସ୍ଥିତିରେ ପଡି ଅପରାଧ ଦୁନିଆରେ ପାଦ ଦିଏ, ସେଦିଗରେ ଉପଯୁକ୍ତ ଧ୍ୟାନ ପୂର୍ବକ ଚିନ୍ତନ, ମନନ, ଅନୁଧ୍ୟାନ ଓ ଅନୁଶୀଳନ ମଧ୍ୟ ଏକାନ୍ତ ଜରୁରୀ । ସାଧାରଣତଃ ଶିକ୍ଷିତ ଯୁବଗୋଷ୍ଠୀ ମଧ୍ୟରେ ଏହିସବୁ ଅପରାଧ ମାନସିକତା କାୟା ବିସ୍ତାର କରିଚାଲିଛି । ଅନ୍ୟପକ୍ଷରେ ସମାଜରେ ମୁଣ୍ଡ ଟେକୁଥିବା ବିଭିନ୍ନ ସାଇବର ଅପରାଧର ନିରାକରଣ, ନିୟନ୍ତ୍ରଣ ଏବଂ ତଦନ୍ତ ପାଇଁ ପୋଲିସର ଉଦ୍ୟମ ମଧ୍ୟ ବେଶ୍ ପ୍ରଶଂସନୀୟ । ଏହି ପରିପ୍ରେକ୍ଷୀରେ ଆମେ ଏ ସମ୍ପର୍କରେ ସଚେତନତା ସୃଷ୍ଟି ସହ କେତେକ ଉପାଦେୟ ତଥ୍ୟ ଓ ଜ୍ଞାନ ସମ୍ବଳିତ ଏହି ପୁସ୍ତକଟି ଲୋକଲୋଚନକୁ ଆଣିବାକୁ ଉପଯୁକ୍ତ ମନେ କରିଛୁ ।


**ଡାଃ. ଆର୍. ପି. ଶର୍ମା,**
**ଆରକ୍ଷୀ ମହାନିର୍ଦ୍ଦେଶକ, ଓଡ଼ିଶା**



ଆମ ସମାଜରେ ଅପରାଧୀ ଦମନ ଓ ଅପରାଧ ନିୟନ୍ତ୍ରଣ ତଥା ସମ୍ଭାବ୍ୟ ଅପରାଧକୁ ରୋକିବା ପାଇଁ ଆବଶ୍ୟକ ଜନସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆମେ ଏକ ସଂକ୍ଷିପ୍ତ ତଥା ଉପାଦେୟ ଉଦ୍ୟମ ଆରମ୍ଭ କରିଛୁ। ଅନ୍ୟାନ୍ୟ ଅପରାଧ ସହିତ ବିଶେଷକରି ବିଭିନ୍ନ ପ୍ରକାର ଠକାମି, ଧୋକାବାଜି ଏବଂ ସାଇବର ଅପରାଧ ପ୍ରଭୃତି ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଜନସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି କିଛି ମୂଲ୍ୟବାନ ପରାମର୍ଶ ଦେବାପାଇଁ ବିନମ୍ର ଚେଷ୍ଟା କରିଅଛୁ। ଆମ ରାଜ୍ୟର ସାଇବର ଅପରାଧ ରୋକିବା ପାଇଁ ନିଯୁକ୍ତ ତଥା ସମ୍ପୃକ୍ତ ପୋଲିସ ଅଧିକାରୀଗଣଙ୍କୁ ସେମାନଙ୍କର ଅବିରତ ଅକ୍ଳାନ୍ତ ପରିଶ୍ରମ ତଥା ସାହସୀ ମନୋଭାବ ପାଇଁ ମୁଁ ଧନ୍ୟବାଦ ଜଣାଉଛି। ଏହା ସହିତ ଯେଉଁମାନଙ୍କ ଉଦ୍ଦେଶ୍ୟରେ ଏହି ପୁସ୍ତକଟି ଉଦ୍ଦିଷ୍ଟ ସେମାନଙ୍କର ମୂଲ୍ୟବାନ ପରାମର୍ଶ ଆମକୁ ଏହି ପୁସ୍ତକର ପରବର୍ତ୍ତୀ ସଂଖ୍ୟାକୁ ଅଧିକ ଋଦ୍ଧିମନ୍ତ, ବଳିଷ୍ଠ ଏବଂ ତଥ୍ୟ ଆଧାରିତ କରିବାରେ ସହାୟକ ହେବ, ଏଥିରେ ସନ୍ଦେହ ନାହିଁ। ଏହି ଅବସରରେ ମୁଁ ଆଶା କରୁଛି ଯେ ଏହି ପୁସ୍ତକ ମାଧ୍ୟମରେ ଆମ ରାଜ୍ୟର ପୋଲିସ ବାହିନୀ ବିଶେଷ କରି ରାଜ୍ୟ କ୍ରାଇମ୍‌ବ୍ରାଞ୍ଚ ଜନସାଧାରଣଙ୍କର ଅଧିକ ଆଦୃତ ଓ ପ୍ରଶଂସିତ ହୋଇପାରିବ।

**ଏସ୍. କେ. ଉପାଧ୍ୟାୟ,**
**ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ, ସିଆଇଡି.ସିବି, ଓଡ଼ିଶା**

# ଏଟିଏମ୍ କାର୍ଡ଼ ବାବଦରେ ଆବଶ୍ୟକ ସୂଚନା





୧୬ ଟିକିଆ କାର୍ଡ଼ ନମ୍ବର

କାର୍ଡ଼ର ସମୟ ସୀମା

କାର୍ଡ଼ ହୋଲ୍ଡର୍‌ର ନାମ

ଏଟିଏମ୍ କାର୍ଡ଼ ପଛ ପଟେ ଲେଖା ଯାଇଥିବା ସିଭିଭି (CVV) ନମ୍ବର।

## ବ୍ୟାଙ୍କରୁ ମିଳୁଥିବା ୱାନ୍ ଟାଇମ୍ ପାସୱାର୍ଡ଼ ମେସେଜ୍




ୱାନ୍ ଟାଇମ୍ ପାସୱାର୍ଡ଼ (ଓଟିପି)

- ଆପଣଙ୍କ ମୋବାଇଲ୍‌ରେ ବ୍ୟାଙ୍କରୁ ପାଉଥିବା ମେସେଜ୍ ଗୁଡ଼ିକୁ ଧ୍ୟାନ ପୂର୍ବକ ପଢ଼ନ୍ତୁ।
- ମୋବାଇଲ୍‌ରେ ପାଉଥିବା ୦୬ ଅଙ୍କ ବିଶିଷ୍ଟ OTP (ୱାନ୍ ଟାଇମ୍ ପାସ୍‌ୱାର୍ଡ଼) ମେସେଜ୍‌କୁ କାହାରିକୁ ଦିଅନ୍ତୁ ନାହିଁ।
- ବ୍ୟାଙ୍କରୁ ଆସୁଥିବା ମେସେଜ୍‌ଗୁଡ଼ିକ ବୁଝି ନ ପାରିଲେ, ବ୍ୟାଙ୍କକୁ ଯାଇ ପଚାରି ବୁଝନ୍ତୁ।

# ଭିଶିଙ୍ଗ୍ ଫ୍ରଡ୍ (Voice Calling Scam)

- ଆପଣଙ୍କ ମୋବାଇଲ୍ ଫୋନ୍‌କୁ ଫୋନ୍ କରି ଚୋର ନିଜକୁ ଦିଲ୍ଲୀ ଓ ବମ୍ବେର ମୁଖ୍ୟ ବ୍ୟାଙ୍କରୁ ଜେନେରାଲ ମେନେଜର କହୁଛି, ଆପଣଙ୍କ ଏଟିଏମ୍ କାର୍ଡ଼ ବ୍ଲକ ହୋଇଯିବ ବୋଲି କହିବ, କିମ୍ବା



- ଆପଣଙ୍କ ଏଟିଏମ୍ କାର୍ଡ଼ ଆଧାର କାର୍ଡ଼ ସହିତ ଲିଙ୍କ୍ କରାଯିବ, କିମ୍ବା
- ଆପଣଙ୍କ ଏଟିଏମ୍ କାର୍ଡ଼ ଅପଡ଼େଟ୍ କରାଯିବ।
- ଆପଣ ଆପଣଙ୍କ ୧୬ ଟିକିଆ ଏଟିଏମ୍ କାର୍ଡ଼, କାର୍ଡ଼ର ସମୟ ସୀମା, କାର୍ଡ଼ ପଛ ପଟେ ଲେଖା ଯାଇଥିବା ସିଭିଭି ନମ୍ବର ଦେବା ପାଇଁ ଚୋର ଆପଣଙ୍କୁ କହିବ।
- ଆପଣ ଆପଣଙ୍କ ୧୬ ଟିକିଆ ଏଟିଏମ୍ କାର୍ଡ଼, କାର୍ଡ଼ର ସମୟ ସୀମା, କାର୍ଡ଼ ପଛ ପଟେ ଲେଖା ଯାଇଥିବା ସିଭିଭି ନମ୍ବର ଦେଇସାରିଲା ପରେ ବ୍ୟାଙ୍କରେ ରେଜିଷ୍ଟର ହୋଇଥିବା ଆପଣଙ୍କ ମୋବାଇଲ୍ ଫୋନ୍ ନମ୍ବରକୁ ୦୬ ଟିକିଆ ଓଟିପି ଆସିବ ଓ ଚୋର ଫୋନ୍ କରି ସେହି ୦୬ ଟିକିଆ ଓଟିପିକୁ ମାଗିବ।



- ଆପଣ ଏହି ସବୁ ତଥ୍ୟ ଦେଇସାରିଲା ପରେ ଚୋର ଆପଣଙ୍କ ବ୍ୟାଙ୍କ ଆକାଉଣ୍ଟ୍‌ରୁ ଅନଲାଇନ୍ ଟଙ୍କା (Transaction) କରିପାରିବ।
- ଏହି ପ୍ରକାରର ଫ୍ରଡ୍‌କୁ ଭିଶିଙ୍ଗ୍ ବା ଭୟେସ୍ କଲିଂ ଫ୍ରଡ୍ କୁହାଯାଏ।
- ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ Guidelines ଅନୁଯାୟୀ କୌଣସି ବ୍ୟାଙ୍କ କିମ୍ବା Insurance Company ଆପଣଙ୍କୁ ଆପଣଙ୍କ ବ୍ୟାଙ୍କ ଜନିତ ତଥ୍ୟ ଫୋନ୍ ତଥା ଇ-ମେଲ୍ ଜରିଆରେ ମାଗି ପାରିବ ନାହିଁ।
- **ତେଣୁ ଆପଣ ଆପଣଙ୍କ ବ୍ୟାଙ୍କ ଜନିତ ତଥ୍ୟ କାହାରିକୁ ଦିଅନ୍ତୁ ନାହିଁ।**



# ଏଟିଏମ୍ (ATM) ମେସିନ୍




# ସ୍କିମର (Skimmer)











# ଏଟିଏମ୍ ବୁଥ୍‌ରେ ସାବଧାନତା

- କାହାରିକୁ ଏଟିଏମ୍ କାର୍ଡ଼ ଦିଅନ୍ତୁ ନାହିଁ।
- ଏଟିଏମ୍ ପିନ୍ ନମ୍ବର ନିଜେ ମନେ ରଖନ୍ତୁ।
- ଏଟିଏମ୍ କାର୍ଡ଼ ଉପରେ ପିନ୍ ନମ୍ବର ଲେଖନ୍ତୁ ନାହିଁ।
- ଏଟିଏମ୍ କାଉଣ୍ଟରରେ କାହାରି ସାହାଯ୍ୟ ନିଅନ୍ତୁ ନାହିଁ।
- ଏଟିଏମ୍ କାଉଣ୍ଟରରେ କାର୍ଡ଼ ରିଡ଼ର ସ୍ଲଟ୍‌ରେ କିଛି ଅଲଗା ଜିନିଷ ସ୍କିମର (Skimmer) ଲାଗିଛି କି ନାହିଁ ଚେକ୍ କରନ୍ତୁ।
- ମଝିରେ ମଝିରେ ଏଟିଏମ୍ ପିନ୍ ନମ୍ବର ବଦଳାନ୍ତୁ।
- ଆପଣଙ୍କ ମୋବାଇଲ୍ ଫୋନ୍ ନମ୍ବର ବ୍ୟାଙ୍କ ଆକାଉଣ୍ଟ୍ ସହିତ ସଂଯୋଗ କରନ୍ତୁ।



- ଏଟିଏମ୍ ବୁଥ୍ ଭିତରେ ଟଙ୍କା ବାହାର କରିବା ସମୟରେ କାହାରିକୁ ଅନଧିକାର ପ୍ରବେଶ ଦିଅନ୍ତୁ ନାହିଁ।

- ଏଟିଏମ୍ ବୁଥ୍ ନିକଟରେ ଅଜଣା ବ୍ୟକ୍ତିଙ୍କର ଚଳ ପ୍ରଚଳକୁ ଲକ୍ଷ୍ୟ ରଖନ୍ତୁ ଓ ପିନ୍ ନମ୍ବରକୁ ଲୁଚାଇ ମାରନ୍ତୁ।







# ପଏଣ୍ଟ ଅଫ୍ ସେଲ୍
## Point of Sale (POS)



କାର୍ଡ଼ ସ୍ୱାଇପ୍ ମେସିନ୍ (Card Swipe Machine)

### ଏଟିଏମ୍ କାର୍ଡ଼ରେ ଟଙ୍କା ପଇଠ ତଥା ଜିନିଷ କିଣିବା ସମୟରେ ସାବଧାନତା

- ଏଟିଏମ୍ କାର୍ଡ଼ରେ ଟଙ୍କା ପଇଠ ତଥା ଜିନିଷ କିଣିବା ସମୟରେ କାର୍ଡ଼ ସ୍ୱାପିଙ୍ଗ୍ ମେସିନ୍ ନିଜେ ବ୍ୟବହାର କରନ୍ତୁ।
- ଏଟିଏମ୍ ପିନ୍ ନମ୍ବର ମାରିବା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ।
- ଏଟିଏମ୍ ପିନ୍ ନମ୍ବର ଲୁଚାଇକରି ମାରନ୍ତୁ।
- ଆଖପାଖରେ ସ୍କିମର ଲାଗିଛି କି ନାହିଁ ଭଲ ଭାବରେ ଲକ୍ଷ୍ୟ ରଖନ୍ତୁ।

## ଲଟେରୀ ସ୍କାମ୍ (Lottery Scam)

- ଲଟେରୀ ସ୍କାମ୍‌କୁ ନାଇଜେରିୟାର ଫ୍ରଡ଼୍/ଏଡ଼ଭାନ୍ସ ଫି ଫ୍ରଡ଼୍/୪୧୯ ଫ୍ରଡ଼୍ ମଧ୍ୟ କୁହାଯାଏ।
- ଲଟେରୀ ଜିତିବା ବାବଦରେ କୌଣସି ଫୋନ୍ କଲ ତଥା ମେସେଜ୍ କିମ୍ବା ଇ-ମେଲ୍ ଆସିଲେ ଲୋଭର ବଶବର୍ତ୍ତୀ ହୁଅନ୍ତୁ ନାହିଁ କିମ୍ବା କୌଣସି ଅଜଣା ବ୍ୟାଙ୍କ ଏକାଉଣ୍ଟ୍‌ରେ ଟଙ୍କା ଜମା କରନ୍ତୁ ନାହିଁ।
- ନିଜ ବାବଦରେ କୌଣସି ତଥ୍ୟ ତଥା ବ୍ୟାଙ୍କ ଆକାଉଣ୍ଟ୍ ତଥ୍ୟ କାହାରିକୁ ଫୋନ୍ ମାଧ୍ୟମରେ କିମ୍ବା ଇ-ମେଲ୍ ଜରିଆରେ ଦିଅନ୍ତୁ ନାହିଁ।









# ଟାୱାର୍ ବସାଇବା ଫ୍ରଡ୍
## (Tower Installation Fraud)

- ଖବର କାଗଜରେ ବିଜ୍ଞାପନ ମାଧ୍ୟମରେ ମୋବାଇଲ୍ ଟାୱାର୍ ବସାଇବା କଥା ବାହାରିବା ଓ ଆପଣ ସେଥିରେ ଦେଇଥିବା ନମ୍ବରରେ ଫୋନ୍ କଲେ - ଠକ କହିବ -
- ଆପଣଙ୍କୁ ଏଥିପାଇଁ ବଛାଯାଇଅଛି ।
- ଆପଣ ମୋବାଇଲ୍ ଟାୱାର୍ ଲଗାଇଲେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିପାରିବେ ।
- ମୋବାଇଲ୍ ଟାୱାର୍ ଲଗାଇବା ପାଇଁ ପ୍ରୋସେସିଂ ପାଇଁ ନିର୍ଦ୍ଦିଷ୍ଟ ବ୍ୟାଙ୍କ ଆକାଉଣ୍ଟ୍‌ରେ ଟଙ୍କା ଜମା କରନ୍ତୁ ।
- ଏହିଭଳି ଫୋନ୍ କଲକୁ ବିଶ୍ୱାସ କରନ୍ତୁ ନାହିଁ କିମ୍ବା କୌଣସି ଅଜଣା ବ୍ୟାଙ୍କ ଆକାଉଣ୍ଟ୍‌ରେ ଟଙ୍କା ଜମା କରନ୍ତୁ ନାହିଁ ।






## ଇନସ୍ୁରାନ୍ସ ଫ୍ରଡ଼ (Insurance Fraud)


- ଠକ ବ୍ୟକ୍ତି ଫୋନ୍ କିମ୍ବା ଇ-ମେଲ୍‌ରେ କହିବ – ଆପଣଙ୍କ ଇନ୍‌ସୁରାନ୍ସ ବୀମା ପରିପକ୍ୱ ହୋଇଯାଇଛି ଓ ଆପଣ ଲକ୍ଷାଧିକ ଟଙ୍କାର ଅଧିକାରୀ ହୋଇଯିବେ।
- ସେହିପରି ଯଦି କୌଣସି ଫୋନ୍ କଲ କିମ୍ବା ଇ-ମେଲ୍ ଆସେ, ତାକୁ ଭଲଭାବେ ପରଖନ୍ତୁ।
- ଆପଣ ଇନ୍‌ସୁରାନ୍ସ କମ୍ପାନିରୁ ଏହି ବାବଦରେ ଯାଞ୍ଚ କରନ୍ତୁ।
- ଲକ୍ଷାଧିକ ଟଙ୍କାର ଇନ୍‌ସୁରାନ୍ସ ଜମା ରାଶି ପାଇବା ଲୋଭରେ କୌଣସି ଅଜଣା ବ୍ୟାଙ୍କ ଆକାଉଣ୍ଟ୍‌ରେ ଅର୍ଥ ଜମା କରନ୍ତୁ ନାହିଁ।





# ଚେହେରା ଚିହ୍ନନ୍ତୁ
# ଓ
# ପ୍ରାଇଜ୍ ଜିତନ୍ତୁ







- ଚଳଚ୍ଚିତ୍ର ଅଭିନେତା ଓ ଅଭିନେତ୍ରୀଙ୍କର ଚେହେରା ଚିହ୍ନନ୍ତୁ ଓ ପ୍ରାଇଜ୍ ଜିତନ୍ତୁ।
- ଏହିପରି ବିଜ୍ଞାପନ କେବଳ ଟିଭି, ଖବରକାଗଜ, ମୋବାଇଲ୍ ଫୋନ୍ ମାଧ୍ୟମରେ ଆସିଥାଏ ଓ ଆକର୍ଷଣୀୟ ପୁରସ୍କାର ଜିତିବା ପାଇଁ ଅଜଣା ବ୍ୟାଙ୍କ ଆକାଉଣ୍ଟ୍‌ରେ ଅଗ୍ରୀମ ଟଙ୍କା ଜମା କରିବା ପାଇଁ କୁହାଯାଏ।
- ଏହିଭଳି ବିଜ୍ଞାପନଠାରୁ ଦୂରେଇ ରୁହନ୍ତୁ ଓ ଲୋଭର ବଶବର୍ତ୍ତୀ ନହୋଇ କୌଣସି ଅଜଣା ବ୍ୟାଙ୍କ ଆକାଉଣ୍ଟ୍‌ରେ ଟଙ୍କା ଜମା କରନ୍ତୁ ନାହିଁ।

# ଚାକିରି କରେଇ ଦେବା ନାମରେ ଠକେଇ







- ଖବରକାଗଜ ତଥା ଅନଲାଇନ୍‌ରେ ଦେଶ ଭିତରେ ତଥା ବିଦେଶରେ ଚାକିରି କରାଇ ଦେବା ପାଇଁ ବିଜ୍ଞାପନ ଆସିଥାଏ, ଯେଉଁଥିରେ କି ଆପଣଙ୍କୁ ତୁରନ୍ତ ଚାକିରି ଦେବା ନାମରେ ଅଜଣା ବ୍ୟାଙ୍କ ଏକାଉଣ୍ଟ୍ ତଥା ୱାଲେଟ୍‌ରେ ଟଙ୍କା ଜମା କରିବା ପାଇଁ କୁହାଯାଏ ।
- ଏହିଭଳି ବିଜ୍ଞାପନଠାରୁ ଦୂରେଇ ରୁହନ୍ତୁ ଓ ଚାକିରି ପାଇବା ଆଶାରେ କୌଣସି ଅଜଣା ବ୍ୟାଙ୍କ ଆକାଉଣ୍ଟ୍ ତଥା ୱାଲେଟ୍‌ରେ ଟଙ୍କା ଜମା କରନ୍ତୁ ନାହିଁ ।








# LOAN SCAM

## ଋଣ ଦେବା ନାମରେ ଠକେଇ


- ଖବରକାଗଜ, ଇ-ମେଲ୍ ତଥା ଅନଲାଇନ୍‌ରେ କମ୍ ରାଶିରେ ଅଧିକ ଋଣ କରାଇ ଦେବାପାଇଁ ବିଜ୍ଞାପନ ଆସିଥାଏ ଯେଉଁଥିରେ କି ଆପଣଙ୍କୁ ତୁରନ୍ତ ଋଣ କରାଇ ଦେବା ନାମରେ ପ୍ରୋସେସିଂ ଫି ବାବଦରେ ଅଜଣା ବ୍ୟାଙ୍କ ଆକାଉଣ୍ଟ୍‌ରେ ଟଙ୍କା ଜମା କରିବା ପାଇଁ କୁହାଯାଏ ।
- ଏହିଭଳି ବିଜ୍ଞାପନଠାରୁ ଦୂରେଇ ରୁହନ୍ତୁ ଓ ଲୋଭର ବଶବର୍ତ୍ତୀ ନ ହୋଇ କୌଣସି ଅଜଣା ବ୍ୟାଙ୍କ ଆକାଉଣ୍ଟ୍‌ରେ ଟଙ୍କା ଜମା କରନ୍ତୁ ନାହିଁ ।

# ସୋସିଆଲ ୱେବସାଇଟରେ ସୁରକ୍ଷିତ ପଦକ୍ଷେପ

- ସୋସିଆଲ୍ ମିଡ଼ିଆରେ ଆକାଉଣ୍ଟ୍ ଖୋଲିବା ସମୟରେ ନିଜର ଅତ୍ୟନ୍ତ ଗୋପନୀୟ ତଥ୍ୟ ଦିଅନ୍ତୁ ନାହିଁ।
- ନିଜର ମୋବାଇଲ୍ ଫୋନ୍ ନମ୍ବର, ଇ-ମେଲ୍ ତଥା ବ୍ୟାଙ୍କ ବିଷୟରେ ତଥ୍ୟ ପବ୍ଲିକ୍‌ଙ୍କ ପାଇଁ ପୋଷ୍ଟ କରନ୍ତୁ ନାହିଁ।
- ଆକାଉଣ୍ଟ୍‌କୁ ଦୁଇ ସ୍ତରୀୟ ସୁରକ୍ଷା ପ୍ରଦାନ କରନ୍ତୁ।
- କଷ୍ଟ ପାସୱାର୍ଡ୍ ରଖନ୍ତୁ; ଯେଉଁଥିରେ ଅକ୍ଷର, ନମ୍ବର ଓ ସ୍ୱତନ୍ତ୍ର କ୍ୟାରେକ୍ଟର ଥିବା। (ଉଦାହରଣ : Al@2p#Oy& )
- ପାସୱାର୍ଡ୍ କାହା ସହିତ ବିନିମୟ କରନ୍ତୁ ନାହିଁ।
- ସାଙ୍ଗ ଚୟନ ଠିକ୍ ଭାବରେ କରନ୍ତୁ। ସାଙ୍ଗ ଚୟନ କରିବା ପୂର୍ବରୁ ଭଲ ଭାବରେ ସେହି ଆକାଉଣ୍ଟ୍‌ଟିକୁ ଯାଞ୍ଚ କରି ନିଅନ୍ତୁ।
- ଗୋଟିଏ ନାମରେ ଗୁଡ଼ାଏ ଆକାଉଣ୍ଟ୍ ଖୋଲନ୍ତୁ ନାହିଁ।
- ଫଟୋ ଉଠାଇବା ସମୟରେ Geo-location ଏମ୍ବେଡେଡ୍ ବା ଟ୍ୟାଗ୍ କରନ୍ତୁ ନାହିଁ।
- ସୋସିଆଲ୍ ମିଡ଼ିଆରେ ପୋଷ୍ଟ୍ ହେଉଥିବା ସବୁ ଜିନିଷକୁ ଠିକ୍ ବୋଲି ଭାବି ଆଖି ବୁଜି ବିଶ୍ୱାସ କରନ୍ତୁ ନାହିଁ ଓ କୌଣସି ତଥ୍ୟ ପୋଷ୍ଟ୍ କିମ୍ବା ବିନିମୟ କରିବା ପୂର୍ବରୁ ଭଲ ଭାବରେ ପରଖନ୍ତୁ।
- **ସୋସିଆଲ୍ ମିଡ଼ିଆରେ ଅଶ୍ଳୀଳ, ଘୃଣ୍ୟ ତଥା ଖରାପ ତଥା ପୋଷ୍ଟିଂ କିମ୍ବା ବିନିମୟ କରନ୍ତୁ ନାହିଁ।**
- https://www.facebook.com ୱେବ୍ ପେଜ୍‌ରେ ଫେସବୁକ୍ ଆକାଉଣ୍ଟ୍ ଲଗ୍ ଇନ୍ କରନ୍ତୁ।
- ଫିଶିଙ୍ଗ୍ ବା ନକଲି (Phishing) ଫେସ୍‌ବୁକ୍ ୱେବସାଇଟ୍‌ରେ ଲଗ୍ ଇନ୍ କରନ୍ତୁ ନାହିଁ।
- ଆପଣଙ୍କ ପାଖକୁ ଆସୁଥିବା ଲିଙ୍କ୍, ଭିଡ଼ିଓ ତଥା ଅଡ଼ିଓ ଫାଇଲ୍‌କୁ ଭଲଭାବେ ଚେକ୍ କରନ୍ତୁ।
- କୌଣସି ଅଜଣା ଲିଙ୍କ୍‌କୁ କ୍ଲିକ୍ କରନ୍ତୁ ନାହିଁ।



# ଫିଶିଙ୍ଗ (Phishing) ଫେସବୁକ ଓ୍ୱେବସାଇଟ




## ସୋସିଆଲ ଓ୍ୱେବସାଇଟ୍‌ରେ ସୁରକ୍ଷିତ ପଦକ୍ଷେପ




- ଫ୍ରି ଓ୍ୱାଇ-ଫାଇ (WIFI) ଜୋନ୍‌ରେ ନିଜର ସୋସିଆଲ ମିଡ଼ିଆ ଆକାଉଣ୍ଟ୍ ଖୋଲିବା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ।
- ହ୍ୟାକରମାନେ ଫ୍ରି ଓ୍ୱାଇ-ଫାଇ (WIFI) ଜୋନ୍‌ରେ ଆପଣଙ୍କର ୟୁଜର୍ ଆଇଡ଼ି (USER ID) ତଥା ପାସୱାର୍ଡ଼୍ ଓ ବ୍ୟାଙ୍କ ସମ୍ବନ୍ଧୀୟ ତଥ୍ୟକୁ ହ୍ୟାକ୍ କରିବାର ବହୁତ ସମ୍ଭାବନା ଥାଏ।
- ଫ୍ରି ଓ୍ୱାଇ-ଫାଇ (WIFI) ଜୋନ୍‌ରେ ନିଜର ବ୍ୟାଙ୍କ ସମ୍ବନ୍ଧୀୟ କାମ କରନ୍ତୁ ନାହିଁ।







# ମୋବାଇଲ୍ ଫୋନ୍ ବାବଦରେ ସୁରକ୍ଷିତ ପଦକ୍ଷେପ




- ନିୟମିତ ଭାବେ ଆପଣଙ୍କର ମୋବାଇଲ୍ ଫୋନ୍‌ର ଅପରେଟିଂ ସିଷ୍ଟମ୍ ତଥା ସଫ୍ଟଓ୍ୱେରକୁ ଅପଡ଼େଟ୍ ରଖନ୍ତୁ।
- କଷ୍ଟ ପାସଓ୍ୱାର୍ଡ଼, ପିନ୍, ସ୍କ୍ରୀନ ଲକ୍ ତଥା ମୋବାଇଲ୍ ପ୍ୟାଟର୍ନ ଦ୍ୱାରା ମୋବାଇଲ୍ ଫୋନ୍‌କୁ ସୁରକ୍ଷିତ ରଖନ୍ତୁ।
- ମୋବାଇଲ୍‌ରେ ଆଣ୍ଟି ଭାଇରସ୍ ସଫ୍ଟଓ୍ୱେର ଇନ୍‌ଷ୍ଟଲ୍ କରନ୍ତୁ।
- ବିଭିନ୍ନ ପ୍ରକାରର ଆପ୍‌ଗୁଡ଼ିକୁ ଲକିଙ୍ଗ୍ ଦ୍ୱାରା ସୁରକ୍ଷିତ ରଖନ୍ତୁ।
- ଆପଣଙ୍କ ଫୋନ୍‌ରେ Geo-Tagging ବନ୍ଦ ରଖନ୍ତୁ।
- ଫ୍ରି ଓ୍ୱାଇ-ଫାଇ (WIFI) ଜୋନ୍‌ରେ ନିଜର ମୋବାଇଲ୍ ଫୋନ୍ କମ୍ ବ୍ୟବହାର କରନ୍ତୁ।
- ଫ୍ରି ଓ୍ୱାଇ-ଫାଇ (WIFI) ଜୋନ୍‌ରେ ନିଜର ବ୍ୟାଙ୍କ ସମ୍ବନ୍ଧୀୟ କାମ କରନ୍ତୁ ନାହିଁ ତଥା କ୍ରେଡ଼ିଟ୍ କାର୍ଡ଼ କିମ୍ବା ଡେବିଟ୍ କାର୍ଡ଼ର ତଥ୍ୟ ଦିଅନ୍ତୁ ନାହିଁ।
- ସଫ୍ଟଓ୍ୱେର ଇନ୍‌ଷ୍ଟଲ୍ କରିବା ସମୟରେ ଉକ୍ତ ସଫ୍ଟଓ୍ୱେର ଆପଣଙ୍କ ବିଷୟରେ କେଉଁ କେଉଁ ତଥ୍ୟ ନେଉଅଛି, ତା’ ବିଷୟରେ ଯାଞ୍ଚ କରନ୍ତୁ।





# ଇଣ୍ଟରନେଟ ବ୍ୟବହାର ବିଷୟରେ ସାଧାରଣ ସାବଧାନତା




- ନକଲି ୱେବସାଇଟ୍ ପ୍ରତି ଧ୍ୟାନ ଦିଅନ୍ତୁ ।
- ୱେବସାଇଟ୍ https://ରେ ଆରମ୍ଭ ହୋଇଥିଲେ ବ୍ୟାଙ୍କ ସମ୍ବନ୍ଧୀୟ କାର୍ଯ୍ୟ କରନ୍ତୁ ।
- ସାଇବର କାଫେରେ ଇଣ୍ଟରନେଟ୍ ବ୍ୟବହାର କରିବା ସମୟରେ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ କରନ୍ତୁ ନାହିଁ ।
- ୱେବସାଇଟ୍ http://ରେ ଆରମ୍ଭ ହୋଇଥିଲେ ବ୍ୟାଙ୍କ ସମ୍ବନ୍ଧୀୟ କାର୍ଯ୍ୟ କରନ୍ତୁ ନାହିଁ ।









# ପରିଚୟ ପତ୍ର
## ଦେବାବେଳେ ସାବଧାନତା




- ଆପଣ ଆପଣଙ୍କ ପରିଚୟ ପତ୍ରର ଏକକିତା ନକଲ (Photo Copy) ପ୍ରାୟତଃ ବହୁ ସମୟରେ ଯଥା: ମୋବାଇଲ୍ ସିମ୍ କାର୍ଡ୍ ଆଣିବା ସମୟରେ, ବ୍ୟାଙ୍କ ଆକାଉଣ୍ଟ୍ ଖୋଲିବା ସମୟରେ ତଥା ଯେକୌଣସି ବ୍ୟାଙ୍କ ଲୋନ୍ କରିବା ସମୟରେ ଦେଇଥାଆନ୍ତି ।
- ଆପଣ ଦେଇଥିବା ପରିଚୟ ପତ୍ରର ଅପବ୍ୟବହାର ରୋକିବା ପାଇଁ ପରିଚୟ ପତ୍ରର ଫଟୋ କପି ଉପରେ ନିଜର ସମ୍ପୂର୍ଣ୍ଣ ଦସ୍ତଖତ, ତାରିଖ ଓ ଉଦ୍ଦେଶ୍ୟ ଲେଖନ୍ତୁ ।

## ଜନସାଧାରଣଙ୍କ ସେବାର୍ଥେ




Published by:
**C.I.D., CB, Cuttack**

Printed at: Graphic Art Offset Press, Cuttack